# Prime Minister meets Italian Prime Minister Mario Draghi on the margins of G20 Summit in Rome

October 29, 2021

## ରୋମରେ ଜି20 ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଇଟାଲୀର ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘିଙ୍କୁ ଭେଟିଛନ୍ତି

ଅକ୍ଟୋବର 29, 2021

ରୋମରେ ଅନୁଷ୍ଠିତ ଜି20 ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 29 ଅକ୍ଟୋବର 2021 ରେ ଇଟାଲୀର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ମାରିଓ ଡ୍ରାଘିଙ୍କୁ ଭେଟିଥିଲେ। ଏହା ସେମାନଙ୍କର ପ୍ରଥମ ବ୍ୟକ୍ତିଗତ ବୈଠକ ଥିଲା। ବିଶ୍ୱ ମହାମାରୀ ସତ୍ତ୍ୱେ ଜି20 କୁ ସଫଳତାର ସହ ଆୟୋଜନ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଧାନମନ୍ତ୍ରୀ ଡ୍ରାଘିଙ୍କୁ ଅଭିନନ୍ଦନ ଜଣାଇଥିଲେ।  ଗ୍ଲାସଗୋଠାରେ ସିଓପି-26 ଆୟୋଜନ କରିବାରେ ଇଟାଲୀ ମଧ୍ୟ ବ୍ରିଟେନକୁ ସହଯୋଗ କରୁଛି।

2. ଦୁଇ ନେତା ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ଏବଂ ବିଶ୍ୱ ସମୁଦାୟର ମିଳିତ ଭାବରେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଭାରତ ଦ୍ୱାରା କରାଯାଇଥିବା ଜଳବାୟୁ ପରିବର୍ତ୍ତନ ଦିଗରେ କାର୍ଯ୍ୟ ଏବଂ ବିକଶିତ ଦେଶମାନଙ୍କ ଦ୍ୱାରା ଜଳବାୟୁ ପରିବର୍ତ୍ତନ ଦିଗରେ ଆର୍ଥିକ ପ୍ରତିଶ୍ରୁତି ବିଷୟରେ ବିକାଶଶୀଳ ଦେଶମାନଙ୍କ ଚିନ୍ତା ବିଷୟରେ ଉଲ୍ଲେଖ କରିଥିଲେ।

3. ଆଫଗାନିସ୍ତାନ ଓ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ସମେତ ବିଶ୍ୱ ତଥା ଆଞ୍ଚଳିକ ପ୍ରସଙ୍ଗରେ ଦୁଇ ନେତା ମତ ବିନିମୟ କରିଥିଲେ। ଭାରତ-ୟୁରୋପୀୟ ସଂଘ ବହୁମୁଖୀ ସହଯୋଗକୁ ଆଗକୁ ବଢାଇବା ପାଇଁ ସେମାନେ ଏକତ୍ର କାର୍ଯ୍ୟ କରିବାକୁ ସେମାନଙ୍କର ଇଚ୍ଛାକୁ ଦୋହରାଇଥିଲେ।

4. ଦ୍ୱିପାକ୍ଷିକ କ୍ଷେତ୍ରରେ ନଭେମ୍ବର 2020 ରେ ଭାରତ-ଇଟାଲୀ ଭର୍ଚୁଆଲ୍ ଶିଖର ସମ୍ମିଳନୀ ପରେ ହୋଇଥିବା ବିକାଶର ଦୁଇ ନେତା ସମୀକ୍ଷା କରିଥିଲେ ଏବଂ ଭର୍ଚୁଆଲ୍ ଶିଖର ସମ୍ମିଳନୀରେ ଗ୍ରହଣ କରାଯାଇଥିବା 2020-2025 କାର୍ଯ୍ୟ ଯୋଜନା କାର୍ଯ୍ୟକାରୀ କରିବାରେ ଅଗ୍ରଗତି ଉପରେ ସନ୍ତୁଷ୍ଟି ବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ଆଗାମୀ ପାଞ୍ଚ ବର୍ଷରେ ରାଜନୈତିକ, ଅର୍ଥନୈତିକ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ କ୍ଷେତ୍ରରେ ରଣନୀତିକ ଲକ୍ଷ୍ୟ ହାସଲ କରାଯିବା ସ୍ଥିର ହୋଇଛି।

5. ବିଶେଷ କରି ବସ୍ତ୍ର, ଖାଦ୍ୟ ପ୍ରକ୍ରିୟାକରଣ, ଅଟୋମୋବାଇଲ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ ସଂଯୋଗକୁ ଆହୁରି ବିସ୍ତାର କରିବାକୁ ଦୁଇ ନେତା ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ନବୀକରଣ ଯୋଗ୍ୟ ତଥା ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ନୂତନ ପ୍ରେରଣା ଯୋଗାଇବା ପାଇଁ ଭାରତ ଓ ଇଟାଲୀ ଏକ ମିଳିତ ବିବୃତ୍ତି ଜାରି କରି ଶକ୍ତି ପରିବର୍ତ୍ତନ ଉପରେ ରଣନୀତିକ ଭାଗିଦାରୀ ଘୋଷଣା କରିଥିଲେ ଏବଂ ବୃହତ ଆକାରର ସବୁଜ କରିଡର ପ୍ରକଳ୍ପ, ସ୍ମାର୍ଟ ଗ୍ରୀଡ୍, ଶକ୍ତି ସଂରକ୍ଷଣ ସମାଧାନ, ଗ୍ୟାସ ପରିବହନ, ଏକୀକୃତ ବର୍ଜ୍ୟବସ୍ତୁ ପରିଚାଳନା (ବର୍ଜ୍ୟବସ୍ତୁରୁ ସମ୍ପଦ), ସବୁଜ ହାଇଡ୍ରୋଜେନର ବିକାଶ ଓ ନିୟୋଜନ ଏବଂ ଜୈବିକ

ଇନ୍ଧନକୁ ପ୍ରୋତ୍ସାହନ ଦେବା ଆଦି କ୍ଷେତ୍ରରେ ଭାଗିଦାରୀ ପାଇଁ ସୁଯୋଗ ଅନୁସନ୍ଧାନ କରିବାକୁ ରାଜି ହୋଇଥିଲେ। ଏହି ବୈଠକରେ ଭାରତ ଓ ଇଟାଲୀ ମଧ୍ୟରେ କପଡା କ୍ଷେତ୍ରରେ ସହଯୋଗ ଉପରେ ଏକ ଷ୍ଟେଟମେଣ୍ଟ ଅଫ୍ ଇଣ୍ଟେଣ୍ଟ ସ୍ୱାକ୍ଷରିତ ହୋଇଥିଲା।

6. ପ୍ରଧାନମନ୍ତ୍ରୀ ଯଥାଶୀଘ୍ର ଭାରତ ଗସ୍ତ କରିବାକୁ ପ୍ରଧାନମନ୍ତ୍ରୀ ଡ୍ରାଘିଙ୍କୁ ଆମନ୍ତ୍ରଣ କରିଥିଲେ।

**ରୋମ**

**ଅକ୍ଟୋବର 29, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.